### ଫସଲ ସଂରକ୍ଷଣ :

୧. ସିଗାଟୋକା ପତ୍ର ଦାଗ ରାଗ-ପତ୍ରରେ ହଳଦିଆ ବଳୟଥିବା ଅନେକ କଳାଦାଗ ଦେଖାଯାଏ । ଏହାର ପ୍ରତିକାର ପାଇଁ ବର୍ଷା ଋତୁରେ ୧୫ ଦିନ ବ୍ୟବଧାନରେ ୨-୩ ଥର କାର୍ବେଣ୍ଡାଜିମ୍ (୧.୫ ଗ୍ରା. ପ୍ରତି ଲିଟର ପାଣିରେ ମିଶାଇ) ସ୍ପ୍ରେ କରନ୍ତୁ ।

୨. ଝାଉଁଳା ରୋଗ-କାନ୍ଧି ଆସିବା ସମୟରେ ପତ୍ର ହଳଦିଆ ହୋଇ ଝାଉଁଳି ପଡେ । ଏହାର ପ୍ରତିକାର ପାଇଁ ଚାରା ଲଗାଇବାର ୫ ମାସ ଠାରୁ ପ୍ରତି ୨ ମାସରେ କାର୍ବେଣ୍ଡାଜିମ୍ (୧.୫ ଗ୍ରା./ଲିଟର) ପାଣି ଗଛ ମୂଳରେ (୫ ଲିଟର/ଗଛ) ଦିଅନ୍ତୁ ଓ ଗଛରେ ସ୍ପ୍ରେ କରନ୍ତୁ ।

୩. କାଣ୍ଡ ବିନ୍ଧା ପୋକ-ଏହି ପୋକ କଦଳୀ ଗଛର କାଣ୍ଡ ଭିତରେ ପ୍ରବେଶ କରି ସମ୍ପୂର୍ଣ୍ଣ ଗଛକୁ ନଷ୍ଟ କରି ଦିଅନ୍ତି । ଏହାର ପ୍ରତିକାର ପାଇଁ ଗଛ ମୂଳରେ କାର୍ବଫ୍ୟୁରାନ୍ ଦାନା (ଫୁରାଡନ୍ ୪୦ ଗ୍ରା.) ଗଛମୂଳରେ ଦିଆଯାଏ ।

୪. ବଞ୍ଚିଟପ୍ ବା ପତ୍ରଗୋଛା ରୋଗ-ଏହା ଭୂତାଣୁ ଜନିତ ରୋଗ । ଏହାଦ୍ୱାରା ଗଛର ଅଗ୍ରଭାଗ ସଂକ୍ରମିତ ହୁଏ । ପତ୍ରଗୁଡିକ ଏକତ୍ର ମୋଡି ହୋଇଯାଆନ୍ତି ତାପରେ ଧିରେ ଧିରେ ଶୁଖିଯାଏ । ଏହି ରୋଗ ହେଲେ ସଂକ୍ରମିତ ଗଛକୁ ସମୂଳେ ବିନାଶ କରିଦିଅନ୍ତୁ ।

### ଅମଳ :

ବାମନ କଦଳୀ ଲଗାଇବାର ୮-୯ ମାସରେ ଏବଂ ଡେଙ୍ଗା କଦଳୀ ୧୧-୧୨ ମାସରେ ଭଣ୍ଡା ଦିଏ । କିସମ ଅନୁସାରେ କାନ୍ଧି ଆସିବାର ୯୦-୧୫୦ ଦିନରେ ଫଳ ପାକଳ ହୁଏ । ପାଗ ଥଣ୍ଡା ରହିଲେ ବିଳମ୍ବ ଏବଂ ଗରମ ରହିଲେ ଶୀଘ୍ର ପାକଳ ହୁଏ । ପାଖ ବଜାର ପାଇଁ ରଙ୍ଗ ବଦଳିବା ସମୟରେ ଏବଂ ଦୂର ବଜାର ପାଇଁ ୭୫-୮୦ ପ୍ରତିଶତ ପାକଳ ଅବସ୍ଥାରେ ଅମଳ କରାଯାଏ । କିସମ ଅନୁସାରେ ହେକ୍ଟର ପ୍ରତି ୫୦-୬୦ ଟନ୍ କଦଳୀ ହୋଇଥାଏ ।

### ଚାଷ ଜନିତ ବ୍ୟୟ :

ଏକ ଏକର କଦଳୀ ଚାଷ ପାଇଁ ପ୍ରଥମ ବର୍ଷ ପ୍ରାୟ ୩୭,୦୦୦ ଟଙ୍କା ଏବଂ ଦ୍ୱିତୀୟ ବର୍ଷ ୨୪,୦୦୦ ଟଙ୍କା ଆବଶ୍ୟକ ହୋଇଥାଏ ।





### ଚାଷ ଜନିତ ଆୟ :

ଏକ ଏକର ଜମିରୁ ପ୍ରଥମ ବର୍ଷ ପ୍ରାୟ ୮୦,୦୦୦ ଟଙ୍କା ଏବଂ ଦ୍ୱିତୀୟ ବର୍ଷ ପ୍ରାୟ ୮୦,୦୦୦ ଟଙ୍କା ଆଦାୟ ହୋଇଥାଏ ।

### ସହାୟତା :

କଦଳୀ ଚାଷ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ସହାୟତା ପାଇଁ ନିକଟସ୍ଥ ଉଦ୍ୟାନବିତ୍‌ଙ୍କ ସହିତ ଯୋଗାଯୋଗ କରିପାରନ୍ତି । ଏତଦ୍ ବ୍ୟତୀତ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ନେସନାଲ୍ ହର୍ଟିକଲଚର୍ ବୋର୍ଡ, ନାବାର୍ଡ, ଆପିକଲ ମଧ୍ୟ ଏଥିପାଇଁ ସାହାଯ୍ୟ ଓ ସହଯୋଗ କରିଥାନ୍ତି ।







# ଉନ୍ନତ କଦଳୀ ଚାଷ





ଓଡ଼ିଶା ଉଦ୍ୟାନକୃଷି ନିର୍ଦ୍ଦେଶାଳୟ
ଏବଂ ଉଦ୍ୟାନକୃଷି ଉନ୍ନୟନ ସମିତି
ଉଦ୍ୟାନ ଭବନ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫
ଫୋନ୍ : ୦୬୭୪-୨୫୫୧୮୩୧, ଫ୍ୟାକ୍ସ : ୦୬୭୪-୨୫୫୧୯୭୮
website:www.orihort.in
email:udyanhort@sify.com

## କଦଳୀ ଚାଷ

କଦଳୀ ଏକ ପୁଷ୍ଟିକାରକ ଓ ସୁସ୍ୱାଦୁ ଫଳ । କଦଳୀ ଗଛର ପ୍ରତ୍ୟେକ ଅଂଶ ଆମ ବ୍ୟବହାରରେ ଲାଗିଥାଏ । କଞ୍ଚା କଦଳୀ, ଭଣ୍ଡା ଓ ମଞ୍ଜା ତରକାରୀ ହୁଏ । ପାଚିଲା ଫଳକୁ ସିଧା ଖିଆଯାଏ । କଦଳୀ ପତ୍ରକୁ ଦରିଦ୍ରର ସୁନା ଥାଳି ବୋଲି କୁହାଯାଏ । କଦଳୀକୁ ରୂପାନ୍ତରିତ କରି ସେଥିରୁ ଜାମ୍, ବିସ୍କୁଟ, ଚିପସ୍, ଅଟା, ମଣ୍ଡ, ଆଇସ୍କ୍ରିମ୍, ମୃଦୁ ପାନୀୟ ରୂପେ ବ୍ୟବହାର କରାଯାଏ । କଦଳୀ ଗଛର କାଣ୍ଡରୁ ଟିସୁ ପେପର, କାଗଜ ଓ ବୋର୍ଡ ଇତ୍ୟାଦି ପ୍ରସ୍ତୁତ କରାଯାଏ । କଦଳୀ ଉତ୍ପାଦନରେ ଭାରତ ପୃଥିବୀରେ ପ୍ରଥମ । ଓଡିଶାର ଅଧିକାଂଶ ଜିଲ୍ଲାରେ ବ୍ୟବସାୟିକ ଭିତ୍ତିରେ ଲାଭଜନକ ଭାବେ କଦଳୀ ଚାଷ କରାଗଲାଣି ଓ ଆହୁରି କରାଯାଇ ପାରିବ ।

**ଜଳବାୟୁ :**

ଉଷ୍ମ ଓ ଆର୍ଦ୍ର ଜଳବାୟୁ କଦଳୀ ଚାଷ ପାଇଁ ଉପଯୁକ୍ତ । ସମୁଦ୍ର ପତ୍ତନ ଠାରୁ ୧୨୦୦ମି. ଉଚ୍ଚତା ପର୍ଯ୍ୟନ୍ତ ୨୦-୩୦° ସେଲସିୟସ୍ ତାପମାତ୍ରା ରହୁଥିବା ଅଞ୍ଚଳରେ ଏହି ଚାଷ କରାଯାଇ ପାରିବ । ଭଣ୍ଡା ବାହାରିବା ସମୟରେ ଉତ୍ତାପ କମ୍ ରହିଲେ କାଣ୍ଡ ମଧ୍ୟରୁ ଭଣ୍ଡା ବାହାରି ଆସେ । ଅଧିକ ପବନ ଅଞ୍ଚଳରେ ଗଛ ଭାଙ୍ଗିଯାଏ ।

**ମୃତ୍ତିକା :**

ଉର୍ବର, ନିଗିଡା, ଗଭୀର, ଦୋରସାରୁ ବାଲି ଦୋରସା ଏବଂ ଅମ୍ଳତା (ପି.ଏଚ୍) ୬.୫ ରୁ ୭.୫ ଥିବା ମାଟିରେ କଦଳୀ ଚାଷ ଲାଭଜନକ ଭାବେ କରାଯାଇପାରିବ ।



**କିସମ :**

ଆମ ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ତରକାରୀ କଦଳୀ ହିସାବରେ ଗଜବନ୍ତଳ, ପାଉଁଶିଆ ବନ୍ତଳ ଏବଂ ପାଚିଲା କଦଳୀ ହିସାବରେ ଚମ୍ପା, ପାଟକପୁରା ଓ ଆଭ୍ୟନ୍ତରୀଣ ଅଞ୍ଚଳମାନଙ୍କରେ ଚମ୍ପା, ଡ୍ୱାର୍ଫ କ୍ୟାଭେଣ୍ଡିସ୍, ରୋବଷ୍ଟା, ଏବଂ ଗ୍ରାଣ୍ଡ ନାଇନ୍‌କୁ ସଫଳତାର ସହିତ ଚାଷ କରାଯାଇପାରେ ।

**ବଂଶ ବିସ୍ତାର :**

ନିରୋଗୀ ୫୦୦-୭୫୦ ଗ୍ରାମ୍ ଓଜନର ଖଣ୍ଡା ପୁଆର ମୂଳ ମୋଟ ଏବଂ ଅଗ ଆଡକୁ ସରୁ । ବୁଢା ପୁଆର କାନ୍ଧି ଛୋଟ ଏବଂ ଶୀଘ୍ର ହୁଏ । ପେଷୀ ପୋଷଣ ପଦ୍ଧତିରେ ପ୍ରସ୍ତୁତ (ଟିସୁ କଲଚର୍) ପୁଆ ନିରୋଗ ଏବଂ ଏକ ସମୟରେ ଅମଳ ଦେଇଥାଏ ।

**ଲଗାଇବା ସମୟ :**

ଡେଙ୍ଗା କିସମ କଦଳୀକୁ ଜୁନ୍ ମାସରେ ଲଗାଯାଏ । ବାମନ କିସମ ଗୁଡିକ ଫେବୃୟାରୀ-ମାର୍ଚ୍ଚ ମାସରେ ଲଗାଇଲେ ଅଧିକ ଉତ୍ପାଦନ ମିଳିଥାଏ । କଦଳୀ ଗୋଟିଏ ଫଳ ଯାହାକି ବର୍ଷସାରା ଫଳେ । ତେଣୁ ବ୍ୟବସାୟିକ ଭିତ୍ତିରେ ବର୍ଷକୁ ୩ ଥର ଦଫା ଦଫା କରି କଦଳୀ ଲଗାଇଲେ ବର୍ଷସାରା କଦଳୀ ମିଳିଥାଏ ।

**ଜମି ପ୍ରସ୍ତୁତି :**

ଜମିକୁ ୨-୩ ଓଡ ଚାଷ କରି ମଧ୍ୟମ/ଡେଙ୍ଗା କିସମ ପାଇଁ ୨ ମିଟର ଏବଂ ବାମନ କିସମ ପାଇଁ ୧.୫ ମିଟର ବ୍ୟବଧାନରେ ୨ ଫୁଟ ଲମ୍ବ, ଓସାର ଓ ଗଭୀରର ନାଳୀ ଖୋଳି ଉପଯୁକ୍ତ ବ୍ୟବଧାନରେ ୨୦ ସେ.ମି. ଗଭୀରରେ ପୁଆକୁ ଲଗାଯାଏ ।

**ପୁଆ ବିଶୋଧନ :**

ପୁଆ ଲଗାଇବା ପୂର୍ବରୁ କାର୍ବେଣ୍ଡାଜିମ୍ (୧ ଗ୍ରା./ଲିଟର୍) ଏବଂ କାର୍ବୋଫ୍ୟୁରାନ୍ (୨ଗ୍ରା/ଲିଟର୍) ମିଶା ପାଣିରେ ପୁଆଗୁଡିକୁ ବିଶୋଧନ କରାଯାଏ ।

**ପୁଆ ଲଗାଇବା ପାଇଁ ଗାତ ପ୍ରସ୍ତୁତି :**

ଗାତରୁ ଖୋଳାଯାଇଥିବା ମାଟି ସହିତ ଗାଣ୍ଡୁଆଏ ବା ୨ ଗାଣ୍ଡୁଆ ସଢା ଗୋବର ଖତ ବା କମ୍ପୋଷ୍ଟ ଓ ୨୫୦ ଗ୍ରା. ଜୈବିକ ସାର (ଷ୍ଟେରାମିଲ୍, ରାଲିମିଲ୍) ଓ ୨୫୦ ଗ୍ରା. ସିଙ୍ଗଲ୍ ସୁପର ଫସଫେଟ୍ ସାର ସହିତ ଉପର ମାଟି ମିଶାଇ ଗାତ ଭରି ଦିଅନ୍ତୁ । ମାଟି ଭରିବାର ୫-୬ ଦିନ ପରେ ପୁଆ ଲଗାଯାଏ ।

**ଲଗାଇବା ପ୍ରଣାଳୀ :**

ପୁଆ ଲଗାଇବା ପୂର୍ବରୁ ପୁରୁଣା ଚେର ଗୁଡିକୁ କାଟି ଦେବା ଦରକାର । କୌଣସି ସ୍ଥାନରେ କ୍ଷତ ହୋଇଥିଲେ ଭଲଭାବରେ ସଫା କରିଦିଅନ୍ତୁ । ଦୂରରୁ ଆସିଥିବା ମୁଣ୍ଡାର ଉପର ଅଂଶରୁ ଶୁଖିଲା ବାହୁଙ୍ଗାର ଅଂଶ ଓ ଶୁଖିଲା ଚେର ସବୁ କାଢ଼ିଦେବା ଉଚିତ୍ । ବିଶୋଧିତ ପୁଆକୁ ଗାତ ମଝିରେ ଲଗାଇ ଚାରିପାଖର ମାଟିକୁ ଭଲ ଭାବରେ ଦାବି ଦିଅନ୍ତୁ । ଗଛଟି ଏପରି ଲଗାଇବେ ଯେପରି ଗଛର ମୂଳ ଭୂଇଁ ପତନରୁ ୨୦ ସେ.ମି. ତଳେ ରହିବ ।

**ସାର ପ୍ରୟୋଗ :**

କଦଳୀ ଗଛ ଅଧିକ ପରିମାଣର ଖାଦ୍ୟସାର ବ୍ୟବହାର କରିଥାଏ । ଅଧିକ ଅମଳ ପାଇବା ପାଇଁ ଗୋଟିଏ କଦଳୀ ଗଛପିଛା ୩୦୦ ଗ୍ରାମ୍ ଯବକ୍ଷାରଜାନ (୬୫୦ ଗ୍ରା. ୟୁରିଆ), ୧୦୦ ଗ୍ରା. ଫସ୍‌ଫରସ୍ (୬୨୫ ଗ୍ରା. ସିଙ୍ଗଲ୍ ସୁପରଫସ୍‌ଫେଟ୍) ଓ ୩୦୦ ଗ୍ରା. ପୋଟାସିୟମ୍ (୫୦୦ ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍) ନିମ୍ନ ମତେ ପ୍ରଥମ ବର୍ଷ ଦିଆଯିବା ଆବଶ୍ୟକ ।



| | ଯବକ୍ଷାରଜାନ | ଫସ୍‌ଫରସ୍ | ପୋଟାସିୟମ୍ |
|---|---|---|---|
| ଲଗାଇବାର ୨ ମାସରେ | ୧୦୦ | ୧୦୦ | ୧୦୦ |
| ଲଗାଇବାର ୪ ମାସରେ | ୧୦୦ | - | ୧୦୦ |
| ଲଗାଇବାର ୬ ମାସରେ | ୧୦୦ | - | ୧୦୦ |

**ପରବର୍ତ୍ତୀ ଯତ୍ନ :**

ଗଛ ଲଗାଇବା ପରେ ଗଛ ମୂଳରୁ ଅନେକ ପୁଆ ବାହାରିଥାଏ । ପ୍ରତି ଦେଢ ମାସରେ ଥରେ ଏହି ପୁଆକୁ କନ୍ଦ ସହିତ ବାହାର କରାଯାଏ । ପୁଆକୁ କାଟି ପୁଆର ମଝି ଅଂଶରେ ୨-୪ ମି.ଲି. କିରୋସିନ୍ ପକାଇଦେଲେ ପୁଆ ନଷ୍ଟ ହୋଇଥାଏ । ମୂଳି ଫସଲ କରୁଥିଲେ ଜମିର ଦୁଇ ତୃତୀୟାଂଶ ଗଛରେ କାନ୍ଧି ଆସିବା ସମୟରେ ପ୍ରତ୍ୟେକ ଗଛରେ ଗୋଟିଏ କରି ପୁଆ ବଢ଼ିବାକୁ ଦିଆଯାଏ । ଏହି ପୁଆ ଦେଢରୁ ଦୁଇ ମାସର ହେଲେ ଏହାର ଅଗଟିକୁ କାଟିଦେଲେ ଏହାର କନ୍ଦ ମୋଟା ହୁଏ ।

ଅଧିକ ପବନ ହେଉଥିବା ଅଞ୍ଚଳରେ କାନ୍ଧି ପଡିବା ମାତ୍ରେ ଗଛକୁ ଢିରାଦେବା ଉଚିତ୍ । କାନ୍ଧି ପଡିବା ପରେ ଶେଷ କଦଳୀ ଫେଣାଠାରୁ ୨୦ ସେ.ମି. ଛାଡି ଭଣ୍ଡାଟି ଭାଙ୍ଗି ଦେବା ଉଚିତ୍ । ଭଣ୍ଡା କାଟିବା ପରେ କାନ୍ଧିରେ ପୋଟାସିୟମ୍ ସଲ୍‌ଫେଟ୍ (୨୦ ଗ୍ରାମ/ଲିଟର ପାଣି) ସିଞ୍ଚନ କରିବା ଉଚିତ୍ । ଏହା ପରେ କାନ୍ଧିକୁ ୧୦୦ ଗେଜ୍‌ର ପଲିଥିନ୍ (୬% କଣା ଥିବା) ଘୋଡ଼ାଇଲେ କାନ୍ଧିର ଓଜନ ବଢେ ।

**ଜଳସେଚନ :**

କୌଣସି ସମୟରେ କଦଳୀ ଗଛର ମାଟି ଶୁଖିଯିବା ଉଚିତ୍ ନୁହେଁ । ମାଟିର ବତର ଦେଖି ୭-୧୦ ଦିନ ବ୍ୟବଧାନରେ ଜଳସେଚନ କରାଯାଏ । ସାଧାରଣତଃ ମନ୍ଦା ବା ନାଳୀ ପ୍ରଣାଳୀରେ ଜଳସେଚନ କରାଯାଇଥାଏ । ଜଳସେଚନ ପାଇଁ ପାତାଳ କୂପର ପାଣି ବ୍ୟବହାର କଲେ ରୋଗ କମିଥାଏ । ବୁନ୍ଦା ଜଳସେଚନ କଲେ କମ୍ ପାଣି ଆବଶ୍ୟକ ହୋଇଥାଏ ଏବଂ ଉତ୍ପାଦନ ବୃଦ୍ଧି ପାଇଥାଏ । ଏଥିପାଇଁ ସରକାରୀ ରିହାତିର ବ୍ୟବସ୍ଥା ରହିଛି ।